ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୧/୨୦୨୪
Bhubaneswar, Wednesday, February 21/2024



DSPL-680

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



ଲାଭ
ଲଘୁ ବନଜାତ ଦ୍ରବ୍ୟ କ୍ରୟ ଯୋଜନା

ରାଜ୍ୟର ଆଦିବାସୀ ସଂପ୍ରଦାୟ, ବିଶେଷକରି ମହିଳାମାନଙ୍କ ଜୀବନଧାରଣ ମାନର ଉନ୍ନତି ପାଇଁ ଏକ ଐତିହାସିକ ପଦକ୍ଷେପ

୧ କୋଟି କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀଙ୍କ ପାଇଁ ୧୦୦ କୋଟିରୁ ଅଧିକ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ

୮୦୦ରୁ ଅଧିକ ମଣ୍ଡିରେ ପ୍ରତିଦିନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ

୧୦୦୦ରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସଂପୃକ୍ତି

୧୪ ଜିଲ୍ଲାର ୧୧୯ଟି ବ୍ଲକ୍‌ରେ ହେବ କାର୍ଯ୍ୟକାରୀ

ଡିବିଟି ଜରିଆରେ ପ୍ରାଥମିକ ସଂଗ୍ରହକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ପ୍ରେରଣ

ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ

ରାୟଗଡ଼ରେ ତେନ୍ତୁଳି ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା

OIPR-26005/13/0014/2324



ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

**ଯୁବକଙ୍କୁ ମାଡ଼ମାରି ଲୁଟ**

ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ): ଲାଞ୍ଜିପାଲି ଓ ଖଜୁରିଆ ନିକଟ ବାଇପାସଠାରେ ମଙ୍ଗଳବାର ଅଲିଫ ସାନ ନାମକ ଯୁବକଙ୍କୁ ୪ ଦୁର୍ବୃତ୍ତ ମାଡ଼ମାରି ତାଙ୍କଠାରୁ ୩୦ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଛନ୍ତି।ରାସ୍ତାରେ ପଡିଥିବା ଗୁରୁତର ଅଲିଫଙ୍କୁ ସ୍ଥାନୀୟ ଲୋକେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଛନ୍ତି। ଉତ୍ତରପ୍ରଦେଶର ଅଲିଫ ପଞ୍ଜାବୀ ଢୋଲ ବଜାଉଥିବା ଏକ ଦଳରେ ଆସି ଅନ୍ଧପସରା ରୋଡ ସ୍ଥିତ ଆମ୍ବମାର୍କେଟ ନିକଟରେ ଘର ଭଡା ନେଇ ରହୁଛନ୍ତି। ଏକ ବାହାଘରରେ ବାଜା ବଜାଇବା ବାବଦ ୩୦ହଜାର ଟଙ୍କା ନେଇ ଫେରୁଥିବା ବେଳେ ଲୁଟର ଶିକାର ହୋଇଛନ୍ତି।

## ସଂକ୍ଷେପରେ

### ୩ ଅଭିଯୁକ୍ତଙ୍କ ଉପରେ ଲାଗିଲା ଏନ୍ଏସ୍ଏ

ଛତ୍ରପୁର,୨୦।୨(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାରେ ୩ ଜଣ ଅଭିଯୁକ୍ତଙ୍କ ଉପରେ ଏନ୍ଏସ୍ଏ (ଜାତୀୟ ସୁରକ୍ଷା ଆଇନ୍) ଲାଗିଛି । ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ପକ୍ଷରୁ ଏମାନଙ୍କ ଉପରେ ଏନ୍ଏସ୍ଏ ଲଗାଯାଇଛି । ଆସିକା, ବଡଗଡ ଓ ପୋଲସରା ଥାନା ଅଧିକାରୀଙ୍କ ସୁପାରିଶ କ୍ରମେ ଗଞ୍ଜାମ ଏସପି ଜଗମୋହନ ମୀନାଙ୍କ ପକ୍ଷରୁ ଉକ୍ତ ଅଭିଯୁକ୍ତଙ୍କ ଉପରେ ଏନ୍ଏସ୍ଏ ଲଗାଇବାକୁ ଏକ ପ୍ରସ୍ତାବ ଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଥିଲା । ସେମାନେ ହେଲେ ଆସିକା ଥାନା ଅଧୀନ ନୂଆଗାଁ ଗ୍ରାମର ସୁଲତାନ ଓରଫ ଟିଟୁ ଓରଫ ସୁନୀଲ ନାୟକ (୪୦), ପୋଲସରା ଥାନା ଅଧୀନ ପୋଲସରାର ପାଟଣାପଦର ସାହିର ଯଜ୍ଞ ପ୍ରଧାନ (୨୭) ଓ ବଡଗଡ ଥାନା ଅଧୀନ ଗଙ୍ଗାପୁର ଗାଁର ଗୁରୁ ଓରଫ ଗୁଣ୍ଡୁ ପ୍ରସାଦ ସ୍ୱାଇଁ । ଏମାନେ ଏବେ ବିଭିନ୍ନ ଜେଲରେ ଅଛନ୍ତି।

### ଗୁଳି ମାଡ଼ରେ ମହିଳା ଆହତ ଘଟଣା: ସ୍ୱାମୀ ଗିରଫ

ଭଞ୍ଜନଗର,୨୦।୨(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅନ୍ତର୍ଗତ ବେଡିଗୋବା ଗ୍ରାମରେ ଗତ ୧୭ ତାରିଖରେ ହୋଇଥିବା ଗୁଳିମାଡ଼ ଘଟଣାରେ ସ୍ୱପ୍ନା ସାହୁ ଆହତ ହୋଇଥିଲେ। ପୋଲିସ ମଙ୍ଗଳବାର ତାଙ୍କ ସ୍ୱାମୀ ଜାଗୁରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣା ଦିନ ସନ୍ଧ୍ୟାରେ ସ୍ୱପ୍ନା ଘରେ ଶୋଇଥିଲା ବେଳେ ଯାଗୁରୁ ଦେଶୀ ବନ୍ଧୁକ ଧରି ଶିକାର ପାଇଁ ଜଙ୍ଗଲ ଅଭିମୁଖେ ବାହାରିଥିଲେ। କିନ୍ତୁ ଭୁଲବଶତଃ ଟିଗର ଉପରେ ହାତ ପଡିଯିବାରୁ ଗୁଳି ଫୁଟିଥିଲା । ଫଳରେ ଖଟ ଉପରେ ସୋଇଥିବା ସ୍ୱପ୍ନାଙ୍କ ଜଙ୍ଘ ଦେଇ ଗୁଳିଟି ବାହାରକୁ ଚାଲି ଯାଇଥିଲା ।

### ଆସିକା ବ୍ଲକରେ ୫୦ ପରୀକ୍ଷାର୍ଥୀ ଅନୁପସ୍ଥିତ

ଆସିକା ୨୦।୨ (ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକର ସମୁଦାୟ ୩୪ଟି ହାଇସ୍କୁଲର ମାଟ୍ରିକ ପରୀକ୍ଷାର୍ଥୀଙ୍କ ଲାଗି ବିଭିନ୍ନ ସ୍ଥାନରେ ୧୦ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ମଙ୍ଗଳବାର ପ୍ରଥମ ଦିନରେ ମାତୃଭାଷା ଓଡିଆ ପରୀକ୍ଷା ରହିଥିଲା। ବିଭିନ୍ନ କେନ୍ଦ୍ରରେ ସମୁଦାୟ ୨ହଜାର ୨୪୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାରେ ଥିଲା ବେଳେ ସେଥିମଧ୍ୟରୁ ୨ହଜାର ୧୯୮ଜଣ ପରୀକ୍ଷା ଦେଇଛନ୍ତି। ୧୦ଟି କେନ୍ଦ୍ରରେ ସମୁଦାୟ ୫୦ଜଣ ପରୀକ୍ଷାର୍ଥି ଅନୁପସ୍ଥିତ ଥିବା ଜଣାପଡିଛି।

### ବ୍ଲକସ୍ତରୀୟ ଜନଶୁଣାଣି

ଗଞ୍ଜାମ,୨୦।୨(ବିଦ୍ୟାଧର ସାହୁ):

ଗଞ୍ଜାମ ବ୍ଲକ ସମ୍ମିଳନୀ କକ୍ଷରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ବସନ୍ତ କୁମାର ମଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ରବୀନ୍ଦ୍ର ନାଥ ମଲାଣ, ସହକାରୀ ଯନ୍ତ୍ରୀ ସୁଶୀଲ କୁମାର ପଣ୍ଡା, ଏପିଡ଼ି ଟେକ୍ନିକାଲ ମୁଖ୍ୟ ୧ ନୀଳକଣ୍ଠ ସୁନ୍ଦରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଜିପିଓ ଶ୍ରୀକାନ୍ତ କୁମାର ଗୌଡ଼ ୨୦୨୩-୨୪ ଆର୍ଥିକ ବର୍ଷ ବିବରଣୀ ପାଠ କରିଥିଲେ। ପଞ୍ଚାୟତଗୁଡିକରେ ଖେଳ ପଡିଆ, ପାନୀୟ ଜଳ, ଚାରାରୋପଣ, ମୃତ୍ତିକା ସଂରକ୍ଷଣ ଆଦି ଉନ୍ନୟନମୂଳକ କାର୍ଯ୍ୟର ବ୍ୟୟ ବରାଦ ସମ୍ପର୍କରେ ଆଲୋଚନା ହୋଇଥିଲା। ଗଞ୍ଜାମ ବ୍ଲକ ୧୫ ପଞ୍ଚାୟତକୁ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଏମ୍‌ଜିଏନଆରଇଜିଏସରେ ୫ କୋଟି ୯୫ ଲକ୍ଷ ୬ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦେଇଥିଲେ। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଲୋକନାଥ ରେଡ଼ି, ଆସିଷ୍ଟାଣ୍ଟ ମାମି ସାହୁ, ପୁଷ୍ପାଞ୍ଜଳି ପଣ୍ଡା, ଏପିଓ ବ୍ରଜ କିଶୋର ବେହେରା, ନରେଗା ଡିଓ ଶିବାନୀ ସେଠୀ ପ୍ରମୁଖ ଶିବିର ପରିଚାଳନା କରିଥିବା ବେଳେ ନିର୍ବାହୀ ଯନ୍ତ୍ରୀ ଦିଗାମ୍ବର ନାୟକ, ସରପଞ୍ଚ ପ୍ରତିନିଧି ସୁଦାମ ଚରଣ ବେହେରା, ସରପଞ୍ଚ ବନ୍ଦନା ରେଡ଼ିଙ୍କ ସମେତ ଅନ୍ୟାନ୍ୟ ସରପଞ୍ଚ, ସମିତି ସଭ୍ୟ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ୪ ପଞ୍ଚାୟତ ଯକ୍ଷ୍ମାମୁକ୍ତ

ଛତ୍ରପୁର,୨୦।୨(ସନ୍ତୋଷ ପାଢ଼ୀ):

ଛତ୍ରପୁର ବ୍ଲକ ଅଧୀନ ଅଗସ୍ତିନୂଆଁଗାଁ, ପୋଚ୍ଚଲାମପୁର, ମହାନାଦପୁର, ନରେନ୍ଦ୍ରପୁର ୪ଟି ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ ଘୋଷିତ ହୋଇଛି । ଭାରତ ସରକାରଙ୍କ ଯେଉଁ ୨୦୨୫ ସୁଦ୍ଧା ସାରା ଭାରତରେ ଯକ୍ଷ୍ମାମୁକ୍ତ ହୋଇପାରିବ ସେ ନେଇ ନିଜ ଗ୍ରାମ ପଞ୍ଚାୟତରେ କିଭଳି ଭାବରେ ସମସ୍ତେ ନିଜର ପରୀକ୍ଷା କରାଇବା ଏବଂ ସଠିକ ପରାମର୍ଶ ନେବା, ଅଧାରୁ ଔଷଧ ବନ୍ଦ ନ କରିବା ତା'ହେଲେ ଯାଇ ଯକ୍ଷ୍ମା ରୋଗର ଅନ୍ତ ହୋଇପାରିବ ବୋଲି ଗୁରୁତ୍ୱାରୋପ କରାଯାଇଛି ।

# ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ 'ଉମଙ୍ଗ' ଉଦ୍‌ଯାପିତ

ବ୍ରହ୍ମପୁର,୨୦।୨(ତନୁଶ୍ରୀ ନାହାକ)



ପୁରସ୍କାର ସହ ବିଜେତାମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୩୭ତମ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ 'ଉମଙ୍ଗ ୨୦୨୪' ମଙ୍ଗଳବାର ସରିଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ଚନ୍ଦ୍ର ଶେଖର ସାହୁ, ସମ୍ମାନନୀୟ ଅତିଥି ଭାବେ ଛତିଶଗଡର ହେମ୍ ଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅରୁଣା ପଲ୍ଟା ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ଉପସ୍ଥିତ ଥିଲେ। ଏଆଇୟୁ ଦ୍ୱାରା ନିୟୋଜିତ ୨ ବିଶିଷ୍ଟ ଅତିଥି ତଥା ପର୍ଯ୍ୟବେକ୍ଷକ ପ୍ରଫେସର ସୋରୋଭ ଲଖନପାଲ୍ ଓ ଯାନ୍ତ୍ରିକ ପର୍ଯ୍ୟବେକ୍ଷକ ପ୍ରଫେସର ଦୀପକ ମିଶ୍ର, କୁଳସଚିବ ସଚ୍ଚିଦାନନ୍ଦ ନାୟକ ଓ ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ, ଉମଙ୍ଗର ସଂଯୋଜକ ପ୍ରଫେସର ଗଣେଶ ସେଠୀ ଓ ସାଙ୍ଗଠନିକ ଅଧିକାରୀ ଡ଼ ସରିତା ଦାସ ମଞ୍ଚାସୀନ ରହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦାସ ଲୋକ ସଂସ୍କୃତି ଓ କଳାର ମାଟି ଗଞ୍ଜାମ ଜିଲା ସମ୍ପର୍କରେ ମତ ରଖିଥିଲେ। ୨୮ ବିଭାଗରେ ଆୟୋଜିତ ପ୍ରତିଯୋଗିତାର ସମସ୍ତ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ଶୋଭାଯାତ୍ରାରେ ପଶ୍ଚିମବଙ୍ଗ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ପ୍ରଥମ, ଝାଡ଼ଖଣ୍ଡର ରାଞ୍ଚି ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଫ କଲ୍ଚର୍ ତୃତୀୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚତୁର୍ଥ ହୋଇଥିଲା। ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବର ଚମ୍ପିୟାନ ପଶ୍ଚିମବଙ୍ଗର ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ପ୍ରଥମ, ବିହାରର ମିଥିଳା ନାରାୟଣ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଫ କଲ୍ଚର୍ ତୃତୀୟ, ଝାଡ଼ଖଣ୍ଡର ବିନୋଦ ବିହାରୀ ମହୋତ ବିଶ୍ୱବିଦ୍ୟାଳୟ ଓ ବିନୋବା ଭାବେ ବିଶ୍ୱବିଦ୍ୟାଳୟ ଚତୁର୍ଥ ହୋଇଥିଲେ। ଉମଙ୍ଗର ସହ ସଂଯୋଜକ ଡ଼ ଜୟନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଗଞ୍ଜାମ ଜିଲାରେ ୭୦୦ ପରୀକ୍ଷାର୍ଥୀ ଅନୁପସ୍ଥିତ

ବ୍ରହ୍ମପୁର,୨୦।୨(ତନୁଶ୍ରୀନାହାକ)

ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଶୃଙ୍ଖଳାର ସହ ହୋଇଛି। ଗଞ୍ଜାମ ଜିଲାର ୨୨ ବ୍ଲକରେ ୨୧୭ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ପ୍ରଥମ ଦିନ ପରୀକ୍ଷା ନିମନ୍ତେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅଳ୍ପ ବହୁତ ଭୟ ରହିଥିଲା। ପରୀକ୍ଷା କେନ୍ଦ୍ରକୁ ପହଞ୍ଚିବା ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ସେଣ୍ଟର ବାହାରେ ଯାଞ୍ଚ କରାଯାଇଥିଲା। ଛାତ୍ରୀଛାତ୍ର ମାନେ ଘଣ୍ଟାଏ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିବା ବେଳେ ଅଧଘଣ୍ଟା ପୂର୍ବରୁ ନିଜ ନିଜ ସିଟରେ ବସିଥିଲେ। କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ଯାଞ୍ଚ ହୋଇଥିଲା। ସବୁ କେନ୍ଦ୍ରରେ ସିସି ଟିଭି କ୍ୟାମେରା ଲାଗିଥିଲା। ଜିଲାରେ ୧୬ ନୋଡ଼ାଲ କେନ୍ଦ୍ରରୁ ୫୧ ଟିମ ପ୍ରଶ୍ନପତ୍ର ପରୀକ୍ଷା

**ମାଟ୍ରିକ ପରୀକ୍ଷା ପ୍ରଥମ ଦିନ**

କେନ୍ଦ୍ରରେ ପହଞ୍ଚାଇଥିଲେ। ପରୀକ୍ଷା ନିମନ୍ତେ ୪୫,୩୮୪ ଛାତ୍ରୀଛାତ୍ର ପଞ୍ଜୀକୃତ କରିଥିବା ବେଳେ ପ୍ରଥମ ଦିନ ୭୦୦ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ଜିଲାସ୍ତରୀୟ ସ୍କ୍ୱାଡ଼ ଟିମ ୨୩ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବା ଜିଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ କହିଛନ୍ତି।

# ୨ ଭାଇଙ୍କ ସମେତ ୩ଜଣଙ୍କୁ କାରାଦଣ୍ଡ

ବ୍ରହ୍ମପୁର, ୨୦।୨(ସୁବାସ ଚନ୍ଦ୍ର ପାଢ଼ୀ)

୨୦୧୨ରେ ବାପା-ପୁଅଙ୍କୁ ହତ୍ୟା ଉଦ୍ୟମ ହୋଇଥିବା ନେଇ ଗୋଳନ୍ଥରା ଥାନାରେ ମାମଲା ରୁଜୁ ହୋଇଥିଲା। ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ)ଅଲେଖ କୁମାର ପ୍ରଧାନ ଉକ୍ତ ମାମଲାର ୧୨ ବର୍ଷ ପରେ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ମିଳିଥିବାରୁ ୨ ଭାଇଙ୍କ ସମେତ ୩ ଜଣଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀମାନେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦର ଦଳିତ ସାହିର ପ୍ରଫୁଲ୍ଲ ବେହେରା ଓରଫ ଫୁଲକା, ତାଙ୍କ ଭାଇ ଟୁଟୁ ବେହେରା ଓ ଅନ୍ୟତମ ସହଯୋଗୀ ମୁନା ବେହେରା।

ହଳଦିଆପଦର ଗ୍ରାମର କ୍ଷୀରସିନ୍ଧୁ ବେହେରାଙ୍କର ତାଙ୍କ ସାହିର ଟୁଟୁଙ୍କ ସହ ପାରିବାରିକ କଳହ ଲାଗି ରହିଥିଲା।

**ହତ୍ୟା ଉଦ୍ୟମ ମାମଲା**

୨୦୧୨ ମେ ୨୧ ତାରିଖ ସନ୍ଧ୍ୟାରେ କ୍ଷୀରସିନ୍ଧୁଙ୍କ ପୁଅ ଦିଲୀପ ତାଙ୍କ ଘର ସମ୍ମୁଖରେ ଠିଆ ହୋଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଟୁଟୁ, ତାଙ୍କ ଭାଇ ପ୍ରଫୁଲ୍ଲ ଓ ସହଯୋଗୀ ମୁନା ସଠାରେ ପହଞ୍ଚି ଝଗଡା କରିଥିଲେ। ଏପରିକି ସେମାନେ ଖଣ୍ଡାରେ ଦିଲୀପଙ୍କୁ ଆକ୍ରମଣ କରିଥିଲେ। ଘରେ ଥିବା କ୍ଷୀରସିନ୍ଧୁ ପହଞ୍ଚି ପୁଅକୁ କାହିଁକି ଆକ୍ରମଣ କରୁଛ ବୋଲି ପଚାରିବାରୁ ସେମାନେ ତାଙ୍କୁ ମଧ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାର ଲୋକେ ଗୁରୁତର ବାପା- ପୁଅଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। କ୍ଷୀରସିନ୍ଧୁଙ୍କ ସ୍ତ୍ରୀ ଲକ୍ଷ୍ମୀ ବେହେରାଙ୍କ ଅଭିଯୋଗ ପ୍ରକାରେ ପୋଲିସ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାର ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଏସିଜେଏମ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି କୁରେଶ ଗୌଡ଼ ଓ ଏପିପି ଜଗନ୍ନାଥ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

## କବିସୂର୍ଯ୍ୟ ଯୁବସଂଘର ବୈଠକ

କବିସୂର୍ଯ୍ୟନଗର, ୨୦।୨
(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଗୋପୀନାଥ ପାଟଣାସ୍ଥିତ ଗୋପୀନାଥ ମନ୍ଦିରଠାରେ କବିସୂର୍ଯ୍ୟ ଯୁବସଂଘ ବୈଠକ ପ୍ରାକ୍ତନ ଏନଏସି ଅଧ୍ୟକ୍ଷା ମନୋରଞ୍ଜନ ମହାପାତ୍ର ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ରଞ୍ଜିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଗଠନର କାର୍ଯ୍ୟାବଳୀ, ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଂଘ ମାଧ୍ୟମରେ ସମାଜର ଦୁଃଖୀ, ନିଷ୍ପେସିତ, ଅବହେଳିତ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ କିପରି ସେବା କରିପାରିବା ଓ ସହଯୋଗ ଦେଇପାରିବା ବିଷୟରେ କହିଥିଲେ । ସେବା ପାଇଁ ଆମ୍ଭେ ସମର୍ପିତ ଓ ସେହି ମନୋଭାବ ରଖି ଆଗକୁ ବଢ଼ିବା ବୋଲି କହିଥିଲେ ସମବାୟ ବ୍ୟାଙ୍କ ସଭାପତି ମନ୍ମଥ ପରିଡ଼ା କହିଥିଲେ । କୋଦଳା ପ୍ରାକ୍ତନ ଏନଏସି ଅଧ୍ୟକ୍ଷା ସୁନିତପ୍ରଭା ସାହୁ ଓ ୫ ଜଣ ଏନଏସି କାଉନସିଲର ଯୋଗ ଦେଇଥିଲେ।

# ୧୧ ବର-କନ୍ୟାଙ୍କ ସାମୂହିକ ବିବାହ



ବର କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ।

ବ୍ରହ୍ମପୁର,୨୦।୨(ସ୍ମୃତି ରଞ୍ଜନ ମହାଲିକ)

କାହ୍ନା ଚାରିଟେବୁଲ ଟ୍ରଷ୍ଟ ଓ ଇନର ହ୍ୱିଲ କ୍ଲବର ମିଳିତ ଆନୁକୁଲ୍ୟରେ ମଙ୍ଗଳବାର ଗୀତା ଭବନଠାରେ ସାମୂହିକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ପକ୍ଷରୁ ୧୧ ବର କନ୍ୟାଙ୍କ ବିବାହ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ମୁଖ୍ୟବକ୍ତା ରୂପେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ସମ୍ମାନନୀୟ ଅତିଥି ରୂପେ ବିଏମସି ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗଞ୍ଜାମ ଜିଲାରେ ଆର୍ଥିକ ସ୍ୱଚ୍ଛଳ ନ ଥିବା ପରିବାରର ପୁଅ ଝିଅଙ୍କୁ ନେଇ ଏଭଳି କାର୍ଯ୍ୟକ୍ରମ କରାଯାଉଥିବା ସଭାପତି ରଞ୍ଜନା ମିଶ୍ର କହିଛନ୍ତି। ଗତବର୍ଷ ୫ ବର କନ୍ୟାଙ୍କ ବିବାହ କରାଯାଇଥିବା ସେ କହିଛନ୍ତି। ସଂପାଦକ ପୁନମ ଦାଶଙ୍କ ସମେତ ରବୀନ୍ଦ୍ର ନାଥ ମିଶ୍ର, ବିଜୟ କୃଷ୍ଣ ମହାନ୍ତି, ଆଇନଜୀବୀ ଦୀପକ ପଟ୍ଟନାୟକ, ମହାନ ସଂଘର ସଭାପତି ସୁଶାନ୍ତ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଟିଆଇରେ ସ୍ମାର୍ଟ ଶ୍ରେଣୀ ଗୃହ ଉଦ୍‌ଘାଟିତ

ବ୍ରହ୍ମପୁର,୨୦।୨(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲାରେ ଶିକ୍ଷାର ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଆଇଆରଇଏଲ (ଇଣ୍ଡିଆ) ପକ୍ଷରୁ ପ୍ରୟାସ କରାଯାଉଛି। କମ୍ପାନୀର ଗୋଷ୍ଠୀଗତ ସାମାଜିକ ଦାୟିତ୍ୱ ଜରିଆରେ ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ)ରେ ମଙ୍ଗଳବାର ଏକ ସ୍ମାର୍ଟ ଶ୍ରେଣୀଗୃହ ଉଦଘାଟିତ ହୋଇଛି। ଏଥିରେ ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ପ୍ରବନ୍ଧକ ଇଂ ଦୀପକ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଆଇଟିଆଇ ଅଧ୍ୟକ୍ଷ ଡ ରଜତ କୁମାର ପାଣିଗ୍ରାହୀ, ଆଇଆରଇଏଲ ପ୍ରକଳ୍ପ ମୁଖ୍ୟ ପି. ଭି. ଆର. ମୂର୍ତ୍ତି, ମହାପ୍ରବନ୍ଧକ ଭର୍ଗିସ ଆଣ୍ଟୋନୀ, ଜି. କେ. ନାୟକ, ଟେକନିକାଲ ସର୍ଭିସ ମୁଖ୍ୟ ପ୍ରବନ୍ଧକ ସୁରେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ମାର୍ଟ ଶ୍ରେଣୀ ଗୃହରେ ବିଭିନ୍ନ ପ୍ରକାର ଡିଜିଟାଲ ପାଠ୍ୟ ଉପକରଣ ରହିଛି। ଯାହାକି ଛାତ୍ରୀଛାତ୍ରଙ୍କ ପାଠ ପଢାରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ଆଇଆରଇଏଲର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଅତିଥି ଓ ଅନ୍ୟମାନେ।

## ଭାଜପାର ବୁଥ୍ ଚାଲ ଅଭିଯାନ

ବ୍ରହ୍ମପୁର,୨୦।୨(ନରସିଂହ ସାହୁ)

ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଭାଜପା ପକ୍ଷରୁ ମଙ୍ଗଳବାର ଗୋଷାଣୀ ନୂଆଗାଁ ମଣ୍ଡଳ ପକ୍ଷରୁ ମୋଦୀ ଗ୍ୟାରେଣ୍ଟି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହୋଇଥିବା ବୁଥ୍ ଚାଲ ଅଭିଯାନରେ କର୍ମୀମାନେ ଘରକୁ ଘର ଯାଇ ମୋଦୀ ଗ୍ୟାରେଣ୍ଟି ପତ୍ରିକା ଓ କ୍ୟାଲେଣ୍ଡର ବଣ୍ଟନ କରିଥିଲେ। ନିର୍ବାଚନ ମଣ୍ଡଳୀ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ମଣ୍ଡଳର ୫ଟି ୱାର୍ଡର ପଦଯାତ୍ରା ବେଳେ ୨୦ ବୁଥ୍ ସଭାପତିଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ୨୪ ବର୍ଷର ରାଜ୍ୟ ଶାସନରେ ଗଞ୍ଜାମ ଜିଲାର ପ୍ରମୁଖ ସ୍ଥାନ ରେଶମ ନଗରରେ ବିକାଶ ବାଧାପ୍ରାପ୍ତ ହୋଇଥିବା ପତି ସମାଲୋଚନା କରିଥିଲେ। ଆଗାମୀ ନିର୍ବାଚନରେ ରାଜନୀତି ପରିବର୍ତ୍ତନ କରିବାକୁ ପତି ଅଞ୍ଚଳବାସୀଙ୍କୁ ନିବେଦନ କରିଥିଲେ। ପଦଯାତ୍ରାରେ ମହିଳା କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୋଷାଣୀ ନୂଆଗାଁ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଚୌଧୁରୀଙ୍କ ସମେତ ସୁନୀଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ନିବେଦିତା ପାଢ଼ୀ, ମଦନ ମୋହନ ପାତ୍ର, ସାମୁଏଲ ବେହେରା, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଡୁଡୁନ ପାତ୍ର, ମଣ୍ଡଳ ସାଧାରଣ ସମ୍ପାଦକ ମନୋଜ ପାଢ଼ୀ ଓ ଅନ୍ୟମାନେ ସାମିଲ ହୋଇଥିଲେ। ବର୍ଷା ବିଦୁସ୍ମିତା ଓ ଅନେକ ମହିଳା ମୋର୍ଚ୍ଚା ନେତ୍ରୀ ଏବଂ କର୍ମୀ ଯୋଗ ଦେଇଥିଲେ। ମଣ୍ଡଳର ତୋଟା ସାହିରେ ଖୋଲାଯାଇଥିବା ଭାଜପା କାର୍ଯ୍ୟାଳୟକୁ କାହ୍ନୁ ପତି ଉଦଘାଟନ କରିଥିଲେ।

# ପାହାଡ଼ି କନିଆଁ, ସହରୀ ବର ନାଟକ ମଞ୍ଚସ୍ଥ

ପୋଲସରା,୨୦।୨(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ୧୨ ନମ୍ବର ୱାର୍ଡ ମାଳିସାହି କଳା ବିନୋଦ କେନ୍ଦ୍ର ପରିସରରେ ଦୀର୍ଘ ୨୦ ବର୍ଷ ପରେ ଚଳିତ ବର୍ଷ ଲେଖକ ତଥା ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ ମୁକ୍ତି ମଶାଲ ଯୁବ ପରିଷଦ ପକ୍ଷରୁ 'ପାହାଡି କନିଆଁ ସହରୀ ବର' ନାଟକ ମଞ୍ଚସ୍ଥ ହୋଇଯାଇଛି। ଉକ୍ତ ନାଟକକୁ ଉଦଘାଟନ କରିଛନ୍ତି ବିଧାୟକ ଶ୍ରୀକାନ୍ତ ସାହୁ। ଏନଏସି ଅଧ୍ୟକ୍ଷା ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ଜିଲା ପରିଷଦ ଖୁନୁ ଦାଶ, ବିକ୍ରମ ନାୟକ, ମୁକ୍ତି ମଶାଲ ଯୁବ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ସହ ନିର୍ଦ୍ଦେଶକ ଗୋପାଳ ସାହୁ, ବ୍ରଜବନ୍ଧୁ ସାହୁ, ସୁବ୍ରତ କୁମାର ପ୍ରଧାନ, ପରିଚାଳନା କମିଟି ମ୍ୟାନେଜର ରଘୁନାଥ ପ୍ରଧାନ, ସତ୍ୟବାନ ପ୍ରଧାନ, ସଭାପତି ଅନିଲ କୁମାର ସାହୁ, ଚିନ୍ମୟୀ ମହାପାତ୍ର, ମିଟୁ ପରିଡା, ଦ୍ୱିତିକୃଷ୍ଣ ସାହୁ, ଭଗବାନ ପଣ୍ଡା, ଅଧମ ପ୍ରଧାନ, ଦଣ୍ଡପାଣି ଭଞ୍ଜ, ଅରୁଣ ଜେନା, ଶରତ ସାହୁ, ସତ୍ୟବାନ ପ୍ରଧାନ, ଭିକାରି ବରାଡ଼, ଦଣ୍ଡପାଣି ସାହୁ, ସୁବ୍ରତ କୁମାର, ମନୁ ସେଠୀ, କୃତିବାସ ଗୌଡ, ମନୋଜ କୁମାର ସାହୁ, କାଳିଆ ନନ୍ଦ, ନାରାୟଣ ମହାରଣା, ରିଙ୍କୁ ବେହେରା, କାହ୍ନୁ ଚରଣ, ପ୍ରତାପ, ମୁକୁନା, ଚାପାଧାରୀ, ମିଟୁ, ଦୀପକ, ମହେଶ୍ୱର, ଟୁନା ପ୍ରଧାନ, କପି, ଆଶୁତୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ୫-ଟି ଅଧ୍ୟକ୍ଷଙ୍କ ଗସ୍ତ ପୂର୍ବରୁ ସଭାସ୍ଥଳ ଅନୁଧ୍ୟାନ

ଧରାକୋଟ/ବେଲଗୁଣ୍ଠା,୨୦।୨
(ବିଷ୍ଣୁକେଶରୀ ଆଚାର୍ଯ୍ୟ/ କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଆସନ୍ତା ୨୨ ତାରିଖରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଧରାକୋଟ ଓ ବେଲଗୁଣ୍ଠା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ଏହା ପୂର୍ବରୁ ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜ ଓ ବିଜେଡି ମୁଖପାତ୍ର ଅମିତ୍ ମଲିକ ଧରାକୋଟରେ ପହଞ୍ଚି ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ଓ ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ସହ ୫-ଟି ଅଧ୍ୟକ୍ଷଙ୍କ ଗସ୍ତ କାର୍ଯ୍ୟକ୍ରମ ସଫଳ କରିବାକୁ ଆଲୋଚନା କରିଥିଲେ। ଏଥିସହ ସଭାସ୍ଥଳ ପରିଦର୍ଶନ କରିଥିଲେ। ସେହିପରି ବ୍ରହ୍ମପୁର ଉପଜିଲାପାଳ ଧିନା ଦସ୍ତାଗିର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ଭଞ୍ଜନଗର ଉପଜିଲାପାଳ ଅନୀଲ କୁମାର ସେଠୀ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଂଜୟ ମହାପାତ୍ର, ବିଡ଼ିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ ପ୍ରମୁଖ ହେଲିପ୍ୟାଡ଼, ସଭାସ୍ଥଳ ସଂଯୋଗକାରୀ ରାସ୍ତା ଆଦି ଅନୁଧ୍ୟାନ କରିଥିଲେ।

ସେହିପରି ମଙ୍ଗଳବାର ବେଲଗୁଣ୍ଠା ଟାଉନ ହଲ୍‌ଠାରେ ବ୍ଲକ୍ ବିଜେଡ଼ି ସଭାପତି ଏସ୍ ରାମେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଜେଡ଼ି ମୁଖପାତ୍ର ଓମ୍ ପ୍ରକାଶ ସାହୁ, ସୋରଡ଼ା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡ଼ି ସଭାପତି ଦୁର୍ଗାମାଧବ ନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରତିନିଧି ମାଗତା ଦଳବେହେରା, ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ୫-ଟି ଅଧ୍ୟକ୍ଷଙ୍କ ଗସ୍ତ କିପରି ସଫଳ ହେବ ସେ ନେଇ ଆଲୋଚନା କରିଥିଲେ। ଗୁରୁବାର ୧୧ଟା ସମୟରେ ୫-ଟି ଅଧ୍ୟକ୍ଷଙ୍କ ୪୦ ମିନଟ୍ କାର୍ଯ୍ୟକ୍ରମ ରହିଛି।

# ଶ୍ରବଣ ବାଧିତ ଯନ୍ତ୍ର ପ୍ରଦାନ



ଭଞ୍ଜନଗର,୨୦।୨(ବାବୁଲା ପ୍ରଧାନ)

ଭଞ୍ଜନଗର ଏନଏସି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଶ୍ରବଣ ବାଧିତ ଯନ୍ତ୍ର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ଶୂଳପାଣି ଶତପଥି ସଭାକୁ ସଂଯୋଜନା କରିଥିଲେ। ଆଇନା, ସମ୍ଭବ ଏବଂ ଆମେରିକାର ଏକ ସଂସ୍ଥା ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# ଜୀବିକା ରାଶି ପ୍ରଦାନ



ଶେରଗଡ଼, ୨୦।୨(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ଟାକରଡା ପଞ୍ଚାୟତ ସମ୍ମୁଖରେ ଜୀବିକା ରାଶି ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଯୋଗଦେଇ ୧ ହଜାର ଟଙ୍କା ରାଶି ବଣ୍ଟନର ଶୁଭାରମ୍ଭ କରିଥିଲେ। ଏଥିସହିତ ନୂତନ ଭାବେ ମଧୁବାବୁ ପେନସନ ବଣ୍ଟନ କରିଛନ୍ତି। ବର୍ଦ୍ଧିତ ୫୦୦ ଟଙ୍କା ମଧ୍ୟ ହିତାଧିକାରୀଙ୍କୁ ବଣ୍ଟନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ବିଡିଓ ଶିବାଶିଷ ବରାଳ, ସହକାରୀ ଯୋଗାଣ ଅଧିକାରୀ ଅଶିତ କୁମାର ମହାନ୍ତି, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବରିଷ୍ଠ ନେତା ହୀନ ବେହେରା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅବନୀ କୁମାର ଦାଶ, କାହ୍ନୁଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମରେ ସ୍ୱତ୍ୱଧାରୀ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା

ଛତ୍ରପୁର,୨୦।୨(ସନ୍ତୋଷ ପାଢୀ/ ଦିଲୀପ ସାମଲ)

ଗଞ୍ଜାମ ଜିଲାସ୍ତରୀୟ ପଟ୍ଟା ପ୍ରଦାନ ସମାରୋହ ଛତ୍ରପୁରସ୍ଥିତ ଖେଳପଡିଆଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଏହାର ଶୁଭାରମ୍ଭ କରିଛନ୍ତି । ସିକିମ୍ ସ୍ୱତ୍ୱଧାରୀ ଚାଷୀମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ ଓଡିଶା ଭୂସଂସ୍କାର ଆଇନ୍ ୧୯୬୦ର ଆବଶ୍ୟକୀୟ ସଂଶୋଧନ କରାଯାଇଛି । ଏହାଫଳରେ ସିକିମ୍ ସ୍ୱତ୍ୱାଧିକାରୀ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନର ଶୁଭାରମ୍ଭ ହୋଇଛି । ସିକିମ୍ ଚାଷୀମାନେ ତାଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ ଓ ହସ୍ତାନ୍ତର ଯୋଗ୍ୟ ଅଧିକାର ପାଇବେ ବୋଲି ସୂଚନା ଦିଆଯାଇଛି। ଗଞ୍ଜାମ ଜିଲାରେ ୭୧୦ ଜଣଙ୍କୁ ଏହି ପଟ୍ଟା ପ୍ରଦାନ କରାଯାଇଛି। ଗଞ୍ଜାମ ତହସିଲର ୧୩ ଜଣ, ଖଲିକୋଟ ତହସିଲର ୨ ଜଣ, ହିଞ୍ଜିଳି ତହସିଲର ୪୮ ଜଣ, ପୁରୁଷୋତ୍ତମପୁର ତହସିଲର ୧୬୬ ଜଣ, ଛତ୍ରପୁର ତହସିଲର ୧୦୫ ଜଣ, ବ୍ରହ୍ମପୁର ତହସିଲର ୩ଜଣ, କୁକୁଡାଖଣ୍ଡି ତହସିଲର ୨୨୦ ଜଣ, ଚିକିଟି ତହସିଲର ୨୩ ଜଣ ଓ କନିଷି ତହସିଲର ୧୩୦ ଜଣଙ୍କୁ ଏହି ପଟ୍ଟା ମିଳିଛି । ଏହି କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଆରଡିସି ରଞ୍ଜନ କୁମାର ଦାସ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲିକୋଟ ବିଧାୟକ ସୂର୍ଯ୍ୟମଣି ବୈଦ୍ୟ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ପଟ୍ଟା ବଣ୍ଟନ କରାଯାଉଛି।

# ୬ କୋଟି ଅନୁଦାନରେ ବିଜୁ ସେତୁ ନିର୍ମାଣ ହେବ

## ସ୍ୱାଧୀନତାର ୭୬ ବର୍ଷ ପରେ ଗବାଟବାଡ଼ିକୁ ସଂଯୋଗୀକରଣ

ଦାରିଙ୍ଗବାଡ଼ି, ୨୦।୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ପଞ୍ଚାୟତ ଦୁର୍ଗମ ଗ୍ରାମ ଗବାଟବାଡ଼ିକୁ ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ସଂଯୋଗୀକରଣ ରାସ୍ତା ନଥିଲା। ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁସେତୁ ଯୋଜନାରେ ଅନୁଦାନ ଆସିବା ସହ ଟେଣ୍ଡର ପ୍ରକ୍ରିୟା ମଧ୍ୟ ସରିଯାଇଛି। ୬ କୋଟି ଟଙ୍କା ଅନୁଦାନରେ ଏହି ପୋଲ ନିର୍ମାଣ କାର୍ଯ୍ୟ କରାଯିବା ସହ ପ୍ରାୟ ୧ ହଜାର ମିଟର ସଂଯୋଗୀକରଣ ପକ୍କା ରାସ୍ତା ନିର୍ମାଣ କରାଯିବ ବୋଲି ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଉପବାଚସ୍ପତି ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର କରିଛନ୍ତି। ତାଙ୍କ ସହ ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ସିମନବାଡି ସମିତିସଭ୍ୟ ସାଧୁ ନାୟକ, ସନ୍ତୋଷ ବିଷୋୟୀ, ନୀଳମାଧବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ସିଂ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଯେ, ଗବାଟବାଡ଼ି ଗାଁକୁ ସଂଯୋଗ କରୁଥିବା ନଦୀରେ ପୋଲ ନ ଥିବାରୁ ଅଞ୍ଚଳବାସୀ ପୂର୍ବରୁ ବିପଦସଂକୁଳ ଅବସ୍ଥାରେ ପାଣି ଭିତରେ ଆସୁଥିଲେ। ଏକ ଦଶନ୍ଧି ପୂର୍ବରୁ ଅଞ୍ଚଳବାସୀ ନଦୀର ଦୁଇ ପାର୍ଶ୍ୱରେ ତାର ଭିଡ଼ି ତାହା ଉପରେ ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଥିଲେ। ବିଶେଷ କରି ବର୍ଷା ଚାରିମାସ ବହୁତ କଷ୍ଟରେ ଅଞ୍ଚଳବାସୀ ଯାତାୟତ କରୁଥିଲେ। ଦୀର୍ଘ ବର୍ଷ ଧରି ଅଞ୍ଚଳବାସୀ ଉକ୍ତ ନଦୀରେ ପୋଲ ନିର୍ମାଣ କରିବାକୁ ଦାବି କରିଥିଲେ। ସେହି କ୍ରମରେ ୨୦୦୦ ମସିହାରେ ବିଧାୟକ ଭାବେ ସାଲୁଗା ପ୍ରଧାନ ନିର୍ବାଚନ ଜିତିବା ପରେ ୨୦୦୧ରେ ସେଠାରେ ଏକ ପୋଲ ନିର୍ମାଣ ପାଇଁ ତାଙ୍କ ବିଧାୟକ ପାଣ୍ଠିରୁ ଅନୁଦାନ ପ୍ରଦାନ କରିଥିଲେ। ତେବେ ବୈଷୟକ ତ୍ରୁଟି ଓ ମାଟି ପରୀକ୍ଷା ନ କରି କାର୍ଯ୍ୟ କରାଯାଉଥିବାରୁ ତାକୁ ଅଧାରୁ ବନ୍ଦ କରିଦିଆଯାଇଥିଲା। ସେବେଠାରୁ ଆଉ ଉକ୍ତ ପୋଲ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇପାରି ନ ଥିଲା। ଏବେ ରାଜ୍ୟ ସରକାର ଅନୁଦାନ ପ୍ରଦାନ କରିଛନ୍ତି ଓ ଲୋକଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇପାରିଛି ବୋଲି ଉପବାଚସ୍ପତି ସାଲୁଗା ପ୍ରଧାନ କହିଛନ୍ତି। ପୋଲ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଜା ପ୍ରଧାନ ଓ ଅନ୍ୟମାନେ।

## ସଂକ୍ଷେପରେ

### ଧରିତ୍ରୀ ଖବରଦାତାଙ୍କ ମାତାଙ୍କ ଦେହାନ୍ତ



ସତ୍ୟଭାମା ଦାଶ

ବୁଗୁଡା, ୨୦।୨ (କାଳିଚରଣ ଦାଶ)

ବୁଗୁଡା ଏନ୍‌ଏସି ଅନ୍ତର୍ଗତ ନୂଆସାହିସ୍ଥିତ 'ଧରିତ୍ରୀ'ର ଖବରଦାତା କାଳିଚରଣ ଦାଶଙ୍କ ମାତା ସତ୍ୟଭାମା ଦାଶଙ୍କ ୯୯ ବର୍ଷ ବୟସରେ ସୋମବାର ରାତି ୩ଟା ୩୦ ମିନିଟ ସମୟରେ ଦେହାନ୍ତ ହୋଇଯାଇଛି। ତାଙ୍କର ମୃତ୍ୟୁରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷୀ, ଆଧ୍ୟାତ୍ମିକବାଦୀ, ସରଳ ପ୍ରକୃତିର ମହିଳା ଥିଲେ। ମୃତ୍ୟୁ ବେଳକୁ ତାଙ୍କ ପାଖରେ ପୁଅ, ବୋହୂ, ଝିଅ, ନାତି, ନାତୁଣୀ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ସତ୍ୟଭାମା ଦାଶଙ୍କ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା।

### ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଦିଗପହଣ୍ଡି, ୨୦।୨ (ଅଶେଷ ନାଥ ମିଶ୍ର): ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ରାଜସ୍ୱ ନୀରିକ୍ଷକ ଏବଂ ପରିଦର୍ଶକମାନେ ୬ ଦଫା ଦାବି ପୂରଣ ନେଇ କାର୍ଯ୍ୟାଳୟ ସମ୍ମୁଖରେ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସଂଘ ସମ୍ପାଦକ ସୁନୀଲ କୁମାର ବେହେରା, ରାଜସ୍ୱ ସୁପରଭାଇଜର ଜି .ଲକ୍ଷ୍ମୀ, ତିଲୋତ୍ତମା ଦୋରା, ରାଜସ୍ୱ ନୀରିକ୍ଷକ ଅକ୍ଷୟ ମଲ୍ଲିକ, ସନାତନ ରଣା, ଯଜ୍ଞ ବେହେରା, ପୁଷ୍ପାଞ୍ଜଳି ମଲ୍ଲିକ, ବନିତା ପ୍ରଧାନ, ଅମିତ ସ୍ୱାଇଁ, ରାମ ସାହୁ, ଗିରିଜା ମଲ୍ଲିକ, ସୁଶାନ୍ତ ବେହେରା, ସଞ୍ଜୁ ମହାପାତ୍ର, ବିଘ୍ନେଶ୍ୱର ଆଚାର୍ଯ୍ୟଙ୍କ ସମେତ ଏଆର୍‌ଆଇମାନେ ଆନ୍ଦୋଳନରେ ସାମିଲ ଥିଲେ।

# ସୀମାନ୍ତ ଗ୍ରାମବାସୀଙ୍କ ଦୁର୍ଦ୍ଦଶା କମୁନି

## ରାସ୍ତା ନିର୍ମାଣ ପାଇଁ ଏମ୍‌ପିଙ୍କୁ ଦାବିପତ୍ର



କନ୍ଧମାଳ ଏମ୍‌ପିଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ରାଇକିଆ, ୨୦।୨ (ପ୍ରଦୀପ ବେହେରା)

ରାଇକିଆ ବ୍ଲକର କନ୍ଧମାଳ- ଗଞ୍ଜାମ ସୀମାନ୍ତ ରଣବା ପଞ୍ଚାୟତ ବାଦଗଡ଼ ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୀମାନ୍ତ ଅଞ୍ଚଳ ଏବଂ ବ୍ଲକ୍ ମୁଖ୍ୟ ଦପ୍ତରରୁ ୫୫ କିମି ଦୂରରେ ଥିବା ଏହି ଗ୍ରାମର ୧୨୦ରୁ ଊର୍ଦ୍ଧ୍ୱ ପରିବାର ନିକଟରେ ସରକାରୀ ଯୋଜନାଗୁଡିକ ପହଞ୍ଚି ପାରୁନାହିଁ କି ଏହାର ସଫଳ ରୂପାୟନ ହୋଇପାରୁନାହିଁ। ବର୍ଷ ବର୍ଷ ଧରି ରାସ୍ତାଟିଏ ପାଇଁ ଗ୍ରାମବାସୀ ଦୌଡୁଥିଲେ ମଧ୍ୟ ସୁଫଳ ମିଳୁନି । ରବିବାର କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ରାଇକିଆ ଗସ୍ତ ବେଳେ ଭେଟି ସେମାନେ ଦୁଃଖ ବଖାଣିଛନ୍ତି । ରାସ୍ତାଟିଏ ପାଇଁ ଲିଖିତ ଭାବେ ଜଣାଇଛନ୍ତି । ଗାଁଠାରୁ ଗଞ୍ଜାମ ଜିଲାର ସୋରଡ଼ା ମାତ୍ର ୧୨ କିମି ଦୂର। ଏହି ରାସ୍ତାରୁ ଗଞ୍ଜାମର ୮ କିମି ରାସ୍ତା ସୋରଡ଼ା ବ୍ଲକ୍ ପ୍ରଶାସନ ତିଆରି କରିଥିବା ବେଳେ କନ୍ଧମାଳ ଜିଲା ରାଇକିଆ ବ୍ଲକର ମାତ୍ର ୪ କିମି ରାସ୍ତା କାମ ହୋଇନପାରି ପଡିରହିଛି। ପ୍ରଶାସନ ପକ୍ଷରୁ ଏହି ରାସ୍ତା ତିଆରି କରାଯାଉ ନ ଥିବାରୁ ବାଦଗଡ଼ ଏବଂ ରଣବା ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ୟାଙ୍କ, ଡାକସେବା, ସ୍ୱାସ୍ଥ୍ୟ ଭଳି ଜରୁରୀ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଲୋକେ ନିତିଦିନିଆ ବଜାର ଓ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ ପାଇଁ ସୋରଡ଼ା ଉପରେ ନିର୍ଭର କରୁଛନ୍ତି। ୪ କିମି ସୀମାନ୍ତ ରାସ୍ତା କାମ କରାଗଲେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି।

# ୨୨୫ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଚେକ୍ ପ୍ରଦାନ

ପାରଳାଖେମୁଣ୍ଡି, ୨୦।୨ (ଗିରିଧାରୀ ପରିଚ୍ଛା)

ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମରିୟମ ରଇତ, ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ, ପ୍ରକଳ୍ପ ପ୍ରଶାସକ ଫାଲଗୁନୀ ମାଝୀ, ସିସିଡ଼ି ଏନଜିଓର ମୁଖ୍ୟ ଏ.ଜଗନ୍ନାଥ ରାଜୁ ପ୍ରମୁଖ ଯୋଗଦେଇ ଉପସ୍ଥିତ ସମସ୍ତ ଆଦିବାସୀ ଯୁବକଯୁବତୀ ଉଦ୍ୟୋଗୀମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ଉଦ୍ୟୋଗୀ ହେବା ପାଇଁ କହିଥିଲେ। ଏହାସହ ଜିଲାପାଳ ଯୁବ ଉଦ୍ୟୋଗୀମାନଙ୍କୁ ଚେକ ପ୍ରଦାନ କରିବା ସହ ବ୍ୟବସାୟ କ୍ଷେତ୍ରରେ କିଭଳି ସଫଳତା ପାଇପାରିବେ ସେ ନେଇ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୨୨୫ ଜନଜାତି ଯୁବ ଉଦ୍ୟୋଗୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଚେକ ପ୍ରଦାନ କରାଯାଇଥିବା ବେଳେ ୧୪୩ଟି ଜନଜାତି ଜୀବିକା ବିକାଶ ପରିଷଦକୁ ମାନ୍ୟତା ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟର ପ୍ରକଳ୍ପ ପରିଚାଳକ ଶିବାଜୀ ପ୍ରଧାନ, କୃଷି ବିଶେଷଜ୍ଞ ସୀମାଦ୍ରି ଭଗବାନ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ପରିଚାଳକ ଆଲୋକ ସାହୁ ଉପସ୍ଥିତ ଥିବା ବେଳେ ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।





ଆର୍ଥିକ ସହାୟତା ରାଶି ଚେକ ପ୍ରଦାନ କରାଯାଉଛି।

## ଗାଇବା ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଗୁମ୍ମା, ୨୦।୨ (ପ୍ରବୀଣ କୁମାର ଲିମା): ଗଜପତି ଜିଲା ଗୁମ୍ମା ବ୍ଲକ ଗାଇବା ଗ୍ରାମରେ ହାଇଟେକ୍ ମେଡିକାଲ୍ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା। ୮୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଶିବିରରେ ଯୋଗ ଦେଇଥିଲେ। ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଅନୁପ୍ରାଣିତ ହୋଇ ହାଇଟେକ୍ ମେଡିକାଲ୍ ଅଧ୍ୟକ୍ଷ ଡ଼. ତିରୁପତି ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଯୁବନେତା ଇଂ. ରୂପେଶ ପାଣିଗ୍ରାହୀ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛନ୍ତି। ଇଂ.ରୂପେଶ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ସରପଞ୍ଚ ତିଷ୍ଣୁ ଭୁୟାଁ, ସମିତି ସଭ୍ୟା ବାସନ୍ତୀ ପାଣି, ଆସେର କର, ଲୁଲୁ ଲିମା, ମାନୁ ମାଛ, ସୁଧାକର ଲିମା, ବିନାୟକ ମାଛ, ସରଗ୍ୟ ପାଣି, ଲକ୍ଷ୍ମୀ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଜୀବିକା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ

ପାରଳାଖେମୁଣ୍ଡି/ବାଲିଗୁଡା, ୨୦।୨ (ଗିରିଧାରୀ ପରିଚ୍ଛା/ ସଞ୍ଜୟ ପାଣିଗ୍ରାହୀ)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆରଏମସି ହାଟପଦାଠାରେ ମଙ୍ଗଳବାର ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରଙ୍କୁ ଜୀବିକା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଜିଲାର ପ୍ରତ୍ୟେକ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାର ଲୋକଙ୍କୁ ୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ, ତହସିଲଦାର ନାରାୟଣ ବେହେରା, ପୌରପରିଷଦ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ପରିଚାଳନା କରିଥିବା ବେଳେ ପୌରପରିଷଦର କର୍ମଚାରୀ ଓ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।

ସେହିପରି କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡସ୍ତରରେ ଉପଜିଲାପାଳ ଡ଼ା.ରୀନା ପ୍ରଧାନଙ୍କ ଦ୍ୱାରା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରାଯାଇଛି। ଉପଖଣ୍ଡର ୧,୩୩,୩୬୮ ପରିବାର ଉପକୃତ ହେବେ। ଉପଜିଲାପାଳ ସମସ୍ତ ହିତାକାରୀଙ୍କୁ ଦୁଇଟି ଲେଖାଏଁ ଝୋଟ ବ୍ୟାଗ ସହ ୧୦୦୦ ଟଙ୍କା ଜୀବିକା ସହାୟତା ରାଶି ପ୍ରଦାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହକାରୀ ଯୋଗାଣ ଅଧିକାରୀ ମଳୟ କୁମାର ମେହେର, ସ୍ଥାନୀୟ ଯୋଗାଣ ନିରୀକ୍ଷିକା ସ୍ମିତାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବାଲିଗୁଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ହିତାଧିକାରୀ।

# ସୁବଲଡ଼ା ପଞ୍ଚାୟତରେ ଅଭିଯୋଗ ଶୁଣାଣି



ଆର.ଉଦୟଗିରି, ୨୦।୨ (ମନୋଜ ପାଢୀ)

ଆର. ଉଦୟଗିରି ବ୍ଲକ ସୁବଲଡା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲଏାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଛନ୍ତି । ସମୁଦାୟ ୪୬ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୧୦ଟି ବ୍ୟକ୍ତିଗତ ଓ ୩୬ଟି ସାମୂହିକ ଅଭିଯୋଗ ଥିଲା। ସେଥିମଧ୍ୟରୁ ତୁରନ୍ତ ୫ଟି ସମାଧାନ କରାଯାଇଥିଲା। ଏଥିସହ ରାସ୍ତା ନିର୍ମାଣ, ଭତ୍ତା, ବିଦ୍ୟୁତ, ବିଦ୍ୟାଳୟ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଓ ସୁବଲଡା ବିଦ୍ୟାଳୟ ୫-ଟିରେ ଉପକ୍ରମରେ ଅସମ୍ପନ୍ନ କାମଗୁଡିକୁ ସମ୍ପନ୍ନ କରାଯିବା ଦାବି ହୋଇଥିଲା। ଏସ୍‌ପି ସୁଶ୍ରୀ ଏସ୍ ସ୍ୱାତୀ କୁମାର, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ବିଡ଼ିଓ, ଲରିମନ ଖସେଲ, ଜିଲା ଯୋଗାଣ ଅଧିକାରୀ, ଜିଲା ମଙ୍ଗଳ, ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡିଙ୍କ ସମେତ ସ୍ଥାନୀୟ ସରପଞ୍ଚଙ୍କ ସହ ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ଉଦୟଭାନୁ ପରିଚାଳନା କରିଥିଲେ।

## ରାସ୍ତା ନିର୍ମାଣ ଦାବିରେ ବିକ୍ଷୋଭ

ମୋହନା, ୨୦।୨ (ମନ୍ମଥ ମିଶ୍ର)

ମୋହନା ବ୍ଲକ ଅନ୍ତର୍ଗତ ନିଲ୍ଲିକିଆ, ବୁଡାକୁଆ ଓ ଆଦର୍ଶ ସାହିର ଲୋକମାନେ ବିଦ୍ୟୁତ ସଂଯୋଗ ଓ ପକ୍କା ରାସ୍ତା ନିର୍ମାଣ କରିବା ଦାବି କରିଛନ୍ତି। ଏହି ସମସ୍ତ ସୁବିଧାର ସମାଧାନ ନିମନ୍ତେ ନିଲ୍ଲିକିଆ, ବୁଡ଼ାଗୁଡା ଓ ଆଦର୍ଶ ସାହିର ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଏକତ୍ରିତ ହୋଇ ମୋହନା ସରକାରୀ ହାଇସ୍କୁଲ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବିଡ଼ିଓଙ୍କୁ ସମସ୍ୟା ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ନିର୍ବାଚନ ପୂର୍ବରୁ ଏହି ସମସ୍ତ ସମସ୍ୟା ସମାଧାନ କରାନଗଲେ ଅଞ୍ଚଳବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।


## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୩ ତାରିଖ: ୧୯।୦୨।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୩ | ୦୪।୦୩।୨୦୨୪ | ୧୨.୦୦ ଘ. | ୧୫.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1152) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



## Publication of Message for Break open of Locker

With reference to above, we herewith informed you that, One of our customer Sri Rabindra Adhikari, S/o: Antaryami Adhikari, At/PO: Surada, Main Road, Ganjam, PIN: 761108, Mobile No.: 9437874601, has availed locker facility from our SBI Surada Branch since 09.11.2015 with locker No. 38, cabinet id: 01. But as per Bank's norm the customer is not operating the locker at-least once in a year since last 4 years. For this we have sent several notices on 06.07.2022, 18.01.2024, 25.01.2024, 30.01.2024, 05.02.2024 regarding payment of pending dues and operating of locker but all notices return to our office with undelivered. Again we have also communicated several times with Mobile No.: 9437874601 but no response received from the customer. So, the Bank will go for break open the locker as per Banks norms, if the customer is not coming within 3 months of publication of this news. All expenses regarding break open of locker will be born by the customer.
This is for your kind information and necessary action.

**With Regards,**
**Sd./- Branch Manager**
**SBI, Surada**


# ଗ୍ରାମ୍ୟ ପକ୍କାରାସ୍ତା ଶୋଚନୀୟ

ଖଜୁରୀପଡ଼ା, ୨୦।୨ (ବିଦୁର ବେହେରା)

ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ପ୍ରତି ଘରକୁ ପାଇପ ସଂଯୋଗୀକରଣ ଚାଲିଛି। ଏହି କାର୍ଯ୍ୟ ଏକ ବେସରକାରୀ ଠିକା ସଂସ୍ଥା କରୁଛି। ଖଜୁରିପଡ଼ା ବ୍ଲକ ଅଧୀନ ଗାଁ ଗୁଡିକରେ ପାଇପ ବିଛେଇବା କାର୍ଯ୍ୟ ଚାଲୁ ରହିଛି। ଠିକାସଂସ୍ଥା ଘରେ ଗାଁ ଗୁଡିକରେ ରାସ୍ତା ଖୋଳି ଦେଇ ପାଇପ ପକାଉଛି । ପକ୍କା ରାସ୍ତା ଖୋଳିବା ପରେ ତା'ଉପରେ କଂକ୍ରିଟ ନ ଦେଇ ସେମିତି ଛାଡ଼ି ଦେଉଛି। ଯାହା ଫଳରେ ସେହି ରାସ୍ତା ଖାଲଖମା ହୋଇ ଦୁର୍ଘଟଣାକୁ ଡାକୁଛି। ଏଡାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ବର୍ଷା ଦିନ ଆସିଲେ ଦୁର୍ଦ୍ଦଶା ଭୋଗିବେ ଗ୍ରାମବାସୀ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସରକାର କଚ୍ଚା ରାସ୍ତାକୁ ପକ୍କା କରିଥିବା ବେଳେ ପାଇପ୍ ଲାଇନ ଯୋଗୁ ତାହା ଏବେ ନଷ୍ଟ ହୋଇଛି । ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡୁଛି। ଯଦି ପାଇପ ଲାଇନ ବିଛେଇବା ପାଇଁ ରାସ୍ତା ଖୋଳିବା ଜରୁରୀ ତେବେ ଖୋଳା ଯାଇଥିବା ରାସ୍ତାରେ ପୁଣି ଥରେ କଂକ୍ରିଟ ପକେଇ ମରାମତି କରିବା ଠିକା ସଂସ୍ଥାର ଦାୟିତ୍ୱ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ମାନେ ଏଥି ନିମନ୍ତେ ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଛନ୍ତି ଗ୍ରାମବାସୀ।



ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳାଯାଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଣ ଆଦିବାସୀଙ୍କ ଧାରଣା

ପାରଳାଖେମୁଣ୍ଡି, ୨୦।୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ପୁଣିଥରେ ତେଜିଲାଣି ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ଜମି ବିବାଦ। ଜିଲାର କାଶୀନଗର ବ୍ଲକ ଆର୍ମଡା ଗ୍ରାମରେ ଆଜିକୁ ୧୫ ବର୍ଷହେଲା ଅଣଆଦିବାସୀଙ୍କ ତୋଟାରୁ ଆଦିବାସୀମାନେ ଉତ୍ପାଦିତ କାଜୁକୁ ଜବରଦସ୍ତ ତୋଳି ନେଉଛନ୍ତି, ଯାହାକୁ ନେଇ ପ୍ରତିବର୍ଷ କାଶୀନଗର ବ୍ଲକର ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ଦେଖାଯାଏ। ତେଣୁ କାଜୁତୋଟା ମାଲିକମାନେ କୋର୍ଟର ଆଶ୍ରୟ ନେଇଥିଲେ । କୋର୍ଟ ମଧ୍ୟ ଅଣଆଦିବାସୀ କାଜୁ ତୋଟା ମାଲିକଙ୍କ ସପକ୍ଷରେ ରାୟ ଦେଇଥିବା ସତ୍ତ୍ୱେ ଆଦିବାସୀମାନେ ଜୋର ଜବରଦସ୍ତ ପ୍ରତିବର୍ଷ ଫସଲ ଛଡାଇ ନେଉଛନ୍ତି, ଯାହାକୁନେଇ କାଶୀନାଗର ଥାନାରେ ଫୌଜଦାରୀ ମାମଲା ରୁଜୁହୋଇ ଏନବିଡବ୍ଲୁ ଜାରି ହୋଇଛି। କିନ୍ତୁ ପ୍ରଶାସନ କିମ୍ବା ପୋଲିସ ଦୋଷୀଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି କାଜୁ ତୋଟା ମାଲିକମାନେ। ସେପଟେ ପ୍ରଶାସନ କୌଣସି ସ୍ଥାୟୀ ସମାଧାନ ନ କରି କାଜୁ ତୋଟା ମାଲିକଙ୍କ ଜମିକୁ ସିଜ କରି ଚୁପ ବସିଥିବା ଅଭିଯୋଗ କରିଛନ୍ତି ତୋଟା ମାଲିକ। ଏହି ଅଭିଯୋଗରେ ମଙ୍ଗଳବାର ଅଣଆଦିବାସୀ କାଜୁତୋଟା ମାଲିକମାନେ ସିଭିଲ କୋର୍ଟରୁ ମିଳିଥିବା ରାୟ ସହ କୀଟନାଶକ ଔଷଧ ହାତରେ ଧରି ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଯଦି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିବ ତେବେ କୀଟନାଶକ ଔଷଧ ଖାଇ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ନିଜ ଜମି ବ୍ୟତୀତ ସେମାନଙ୍କ ପାଖରେ ବଞ୍ଚିବାର ଆଉ କୌଣସି ଚାରା ନାହିଁ, ତେଣୁ ଜିଲା ପ୍ରଶାସନ ସେମାନଙ୍କ ଜମି ସେମାନଙ୍କୁ ଅତିଶୀଘ୍ର ଫେରାଇବା ପାଇଁ ଦାବି କରିଛନ୍ତି ରକମ କିଶୋର, ଆର. ଶ୍ରୀନିବାସ, ଏସ.ଭେଙ୍କଟରାମଣା ପ୍ରମୁଖ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଅଣ ଆଦିବାସୀମାନେ।


## ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ (ଦେବୋତ୍ତର ବିଭାଗ)

**ନିଲାମ ଇସ୍ତାହାର ସଂଖ୍ୟା ୫୫୦ / ତାରିଖ ତା୧୬।୦୨।୨୦୨୪**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଏକମାତ୍ର ଭୋଗ ଦୋକାନକୁ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୦।୦୩।୨୦୨୪ରିଖ ଦିବା ଘ.୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ୪୮,୮୪,୨୦୦/- (ଅଠଚାଳିଶ ଲକ୍ଷ ଚଉରାଅଶୀ ହଜାର ଦୁଇଶହ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥିନିମନ୍ତେ ଟ୪,୮୮,୪୨୦/- (ଚାରିଲକ୍ଷ ଅଠାଅଶୀ ହଜାର ଚାରିଶହ କୋଡ଼ିଏ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲକରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୦।୦୩।୨୦୨୪ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ ତା୨୦।୦୩।୨୦୨୪ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇପାରିବେ।

**ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ**
**ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ**

